# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ ଜାନୁୟାରୀ, ୨୦୨୨



# ଗପ
# ନିଜକୁ ଚିହ୍ନିବା ଆସ

ଥରେ ଜଣେ ଶିଷ୍ୟ ଗୁରୁଙ୍କ ପାଖରେ ରହି ବିଦ୍ୟାଶିକ୍ଷା କରୁଥାଆନ୍ତି। କିଛିଦିନ ପରେ ତାଙ୍କର ଶିକ୍ଷା ସମାପ୍ତ ହେଲା। ଶିଷ୍ୟ ଜଣକ ଗୁରୁଙ୍କୁ କହିଲେ, "ଆଜ୍ଞା! ମୋର ଏଠାରେ ଶିକ୍ଷା ଶେଷ ହେଲା। ଏବେ ଆପଣ ଅନୁମତି ଦେଲେ ମୁଁ ଗାଆଁକୁ ଯାଇ ବ୍ୟବସାୟ କରିବି।"



ଗୁରୁ ଏକଥା ଶୁଣି ଦୁଃଖ ପ୍ରକାଶ କରି କହିଲେ, "ତୁମେ ମୋ ପାଖରେ ଏତେଦିନ ଧରି ଭାଗବତ ଜ୍ଞାନ ଶିକ୍ଷା କଲ, ଶେଷରେ କହୁଛ ଡାଲି ଚାଉଳ ଦୋକାନ କରିବ? ଏସବୁ ଜ୍ଞାନ ଆହରଣ କ'ଣ ପାଣିରେ ପଡ଼ିଯିବ? ଠିକ୍ ଅଛି, ମୁଁ ତୁମକୁ ଏମିତି ଜ୍ଞାନ ଦେବି, ତୁମେ କେବେ ଦୋକାନ କରିବାକୁ ମନ ବଳେଇବ ନାହିଁ।" ତା' ପରେ ଗୁରୁ ନିଜ ପାଖରେ ରଖିଥିବା ଏକ ଆଇନାକୁ ବାହାର କଲେ ଓ ତାକୁ ଶିଷ୍ୟଙ୍କୁ ଦେଇ କହିଲେ, "ଏ ଆଇନାକୁ ତୁମେ ଯାହାକୁ ଦେଖାଇବ ତାଙ୍କ ଜୀବଦ୍ଦଶାରେ ଥିବା ସବୁ ଭଲ ଓ ମନ୍ଦ କାର୍ଯ୍ୟ ତୁମେ ଜଳଜଳ କରି ଦେଖିପାରିବ। ଏସବୁ ଘଟଣା ପରେ ତୁମେ ଦୋକାନୀ ହେବାକୁ ଇଚ୍ଛା ପ୍ରକାଶ କରିବ ନାହିଁ।"

ଏଭଳି ସ୍ୱତନ୍ତ୍ର ଆଇନାକୁ ସାଦରେ ଗ୍ରହଣ କରି ଶିଷ୍ୟ ଜଣକ ଗୁରୁଙ୍କ ପାଖରୁ ବିଦାୟ ନେଲେ। ଗାଁକୁ ଆସୁଥିବା ବେଳେ ସେ ପ୍ରଥମେ ନିଜର ଜଣେ ସାଙ୍ଗକୁ ଆଇନା ଦେଖାଇଲେ। ସାଙ୍ଗଟି ଜଣେ ଲୋକଠାରୁ ଟଙ୍କା ଧାର କରି ଫାଙ୍କି ଦେଇଛି ଓ ଏକ ଗରିବ ଲୋକକୁ ହଇରାଣ କରିଥିବା କଥା ଶିଷ୍ୟ ଜଣକ ତାଙ୍କ ଆଇନାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଏକଥା ତାଙ୍କୁ ପଚାରିବାରୁ ସାଙ୍ଗ ଜଣକ ସତକଥା ମାନିଗଲେ। ତାଙ୍କ ପାଖରୁ କିଛି ବାଟ ଗଲା ପରେ ସେ ନିଜ ବାଲ୍ୟଗୁରୁଙ୍କୁ ଆଇନା ଦେଖାଇଲେ। ସେହି ଗୁରୁ ମଧ୍ୟ ତାଙ୍କ ଜୀବନ କାଳରେ କାହାକୁ କଷ୍ଟ ଦେଇଛନ୍ତି, କାହାକୁ ଖରାପ ବ୍ୟବହାର ଦେଖାଇଛନ୍ତି, ଏସବୁ ସେ ପରିଷ୍କାର ଭାବେ ଆଇନାରେ ଦେଖିପାରିଲେ। ପରେ ନିଜ ଘରେ ପହଞ୍ଚି ବାପା, ମାଆ, ଭାଇ ଭଉଣୀ, ଦାଦାଖୁଡ଼ୀ ଓ ସାଇପଡ଼ିଶାଙ୍କୁ ଆଇନା ଦେଖାଇ ଶିଷ୍ୟ ଜଣକ ସେମାନଙ୍କର ଭଲମନ୍ଦ ଉପରେ ଯାହା ଦେଖିଲେ, ସେଥିରେ ସେ ଧୈର୍ଯ୍ୟ ହରାଇ ବସିଲେ। ତେଣୁ ଆଉ କାହାକୁ ଆଇନା ନ ଦେଖାଇ ଗୁରୁଙ୍କୁ ଫେରାଇ ଦେବାପାଇଁ ବାହାରିଲେ। ବଡ଼ ବିବ୍ରତ ଓ ନିରାଶ ହୋଇ ଶିଷ୍ୟଜଣକ ଗୁରୁଙ୍କ ନିକଟରେ ପହଞ୍ଚି ସବୁ କଥା ବଖାଣି କାନ୍ଦି ପକାଇଲେ। ଗୁରୁ ଏସବୁ ଶୁଣିବା ପରେ କହିଲେ, ଦେଖ ତୁମେ ଏଇ ଦର୍ପଣ ମାଧ୍ୟମରେ ସମସ୍ତଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଦେଖିପାରିଲ। ହେଲେ ତୁମେ କେବେ ଏ ଦର୍ପଣ ଦ୍ୱାରା ନିଜକୁ ଦେଖିଛ କି? ନିଜକୁ ଏହା ଦ୍ୱାରା ଦେଖିଲେ ତୁମେ କ'ଣ ଥିଲ, କ'ଣ କରୁଛ ଓ କ'ଣ କରିବ ସବୁକିଛି ଭଲ ଭାବେ ଜାଣିପାରିବ। ସୁତରାଂ ଆଜିର ମଣିଷ ଯାହା କରିବା କଥା ତାହା ନକରି ଓଲଟା ଖରାପ କାମ ଆପଣେଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଛି। ଏସବୁ ଆତ୍ମସମୀକ୍ଷାର ଅଭାବରୁ ଘଟୁଛି। ନିଜକୁ ଚିହ୍ନି ନ ପାରି ଅନ୍ୟ ଉପରେ ଦୋଷ ଦେଇ ନିଜେ ଖସି ଯିବାକୁ ଚେଷ୍ଟା କରୁଛି। ଯଦି ମଣିଷ ନିଜକୁ ଠିକ୍ ଭାବେ ଚିହ୍ନି, ପ୍ରତି ମୁହୂର୍ତ୍ତରେ ଚିନ୍ତା, ବଚନ ଓ କର୍ମକୁ ସମୀକ୍ଷା କରିପାରନ୍ତା, ତେବେ ବଡ଼ବଡ଼ ଭୁଲ କରିବାକୁ ସାହସ କରିପାରନ୍ତା ନାହିଁ। ନିଜେ ଠିକ୍ ରହିଲେ ଗୋଟିଏ ପରିବାର, ଗାଆଁ ଓ ସାରା ସମାଜ ଶୃଙ୍ଖଳିତ ହୋଇଯିବ। ଏସବୁ ଗୁରୁଜ୍ଞାନ ପାଇ ଶିଷ୍ୟ ଜଣଙ୍କ ଆଖିରୁ ଅଶ୍ରୁ ବୋହିଗଲା। ଭାବିଲା, ଏ ଜୀବନକୁ ସାର୍ଥକ ମିଳିବ କେବଳ ଯଦି ଆମେ ପ୍ରତିଦିନର କର୍ମକୁ ଆତ୍ମବିଶ୍ଳେଷଣ କରିପାରିବା। ଏହା ଦ୍ୱାରା ସତ୍ୟ ଶିବ ସୁନ୍ଦର ସମାଜ ଗଠନ ହୋଇପାରିବ। ଏହାପରେ ଶିଷ୍ୟଟି ବେପାର କରିବେ କ'ଣ, ଗୁରୁଙ୍କ ପାଖେ ରହି ଏଇ ଭାଗବତ କେନ୍ଦ୍ରରେ ନିଜକୁ ସମର୍ପିତ ଓ ଜନସେବାରେ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ।

**–ଶଶଧର ମହନ୍ତ**
ବରାଳପୋଖରୀ, ଚରମ୍ପା, ଭଦ୍ରକ

# ଖିଲି ଖିଲି ହସ

(ବହୁଦିନ ପରେ ଜେଜେବାପା ଓ ରାଜୁ ଭିତରେ କଥାବାର୍ତ୍ତା...)

**ଜେଜେବାପା:** ଆରେ ନାତିଟୋକା, କେମିତି ଅଛୁ?
**ରାଜୁ:** ହଁ ଜେଜେବାପା, ବହୁତ ଭଲ ଅଛି।
**ଜେଜେବାପା:** ଆଉ, ତୋ ପଢ଼ାପଢ଼ି କେମିତି ଚାଲିଛି?
**ରାଜୁ:** ଠିକ୍ ଆପଣଙ୍କ ଭଳି।
**ଜେଜେବାପା (ଆଶ୍ଚର୍ଯ୍ୟ ହୋଇ):** ମାନେ, କିଛି ବୁଝି ପାରିଲିନି।
**ରାଜୁ:** ଭଗବାନ୍ ହିଁ ସାହା ଭରସା।

(ମିକୁ ଉପରେ ବାପା ରାଗିଯାଇ...)

**ବାପା:** ଦେଖ୍ ମିକୁ, ରାମ ବାବୁଙ୍କ ପୁଅ ଡାକ୍ତର, ହରି ବାବୁଙ୍କ ଝିଅ ପୋଲିସ୍, ଶ୍ୟାମ ବାବୁଙ୍କ ଝିଅ ଇଞ୍ଜିନିୟର୍ ହେଲେଣି। ହେଲେ, ତୁ କ'ଣ କରିଛୁ? ମୋ ନାଁକୁ କି ଆଜିଯାଏଁ ଟିକେ ଉଜ୍ଜ୍ୱଳ କରି ପାରିଲୁନି।
(ସେଦିନ ସନ୍ଧ୍ୟାରେ ମିକୁ ଗୋଟାଏ ବଲ୍‌ବ ଉପରେ ନିଜ ପରିବାରର ସମସ୍ତଙ୍କ ନାଁ ଲେଖୁଥିବାର ଦେଖି ବାପା ପଚାରିଲେ...
**ବାପା:** ଆରେ, ତୁ ବଲ୍‌ବ ଉପରେ ଆମମାନଙ୍କ ନାଁ କାହିଁକି ଲେଖୁଛୁ?
**ମିକୁ:** ବାପା! ତମେ ପରା କହିଲ, ତମ ନାଁକୁ ଉଜ୍ଜ୍ୱଳ କରିବା ପାଇଁ। ସେଥିଲାଗି ମୁଁ ଭାବିଲି, ତମ ନାଁ ଏକା କାହିଁକି ବଲ୍‌ବ ଉପରେ ସମସ୍ତଙ୍କ ନାଁ ଲେଖି ଉଜ୍ଜ୍ୱଳ କରିବି।

(ମୁନାକୁ ଶିକ୍ଷକଙ୍କ ପ୍ରଶ୍ନ...)

**ଶିକ୍ଷକ:** ମୁନା କହିଲୁ, ୫ ରୁ ୫ ଗଲେ କେତେ ହେବ?
**ମୁନା:** ଜାଣିନି ସାର୍।
ମୁନାକୁ ବୁଝେଇବାକୁ ଯାଇ...
**ଶିକ୍ଷକ:** ଆରେ ମୂର୍ଖ ଶୁଣୁ...ତୋ ପାଖରେ ୫ଟା ବରା ଅଛି, ସେ ୫ଟା ବରାକୁ ମୁଁ ନେଇଗଲି। ଆଉ ତୋ ପାଖରେ କ'ଣ ରହିଲା?
**ମୁନା:** ସାର୍! ଖାଲି ଘୁଗୁନି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ରଙ୍ଗ ଦିଅ



# ମତାମତ

- 'ଗଣତନ୍ତ୍ର ଦିବସ, କିଛି କଥା' ସମ୍ପର୍କିତ ପାଠଟିରୁ ସମ୍ବିଧାନ ବିଷୟରେ କେତେ ନୂଆ ଜିନିଷ ଜାଣିବାକୁ ମିଳିଲା।
  **– ରୋଶ୍ନି ମହାନ୍ତି,** ଯାଜପୁର ଟାଉନ୍, ଯାଜପୁର
- ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ସମସ୍ତ ଚିତ୍ର ବେଶ୍ ମନଛୁଆଁ ହୋଇ ପାରିଥିଲା।
  **– ବିଶ୍ୱାସ ପାଇକରାୟ,** ନୂଆଗାଁ, ନୟାଗଡ଼
- ପ୍ରଥମ ପୃଷ୍ଠାର ଲେଆଉଟ୍ ଡିଜାଇନ୍‌ଟି ବହୁତ ସୁନ୍ଦର ହୋଇଥିଲା।
  **– ମନିଷ୍ ମୁଖାର୍ଜୀ,** ପଟିଆ, ଭୁବନେଶ୍ୱର
- ସବୁଥର ପରି ଏଥରର 'ଆଇନା' ପୃଷ୍ଠାରେ ବାହାରି ଥିବା ପିଲାଙ୍କ ଫଟୋଗୁଡ଼ିକ ଆକର୍ଷଣୀୟ ହୋଇଥିଲା।
  **– ପୁଷ୍ପିତା ସାମନ୍ତ,** ଉମରକୋଟ, ନବରଙ୍ଗପୁର
- 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟିରେ ସବୁବେଳେ ନୂଆ ବିଷୟ ପ୍ରକାଶ ପାଉଥିବାରୁ ପଢ଼ିବାକୁ ଭଲ ଲାଗୁଛି।
  **–ରାଜେଶ ପରିଡ଼ା,** ପିପିଲି, ପୁରୀ

# ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ପୁରା ନାମ,ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା,ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଚଗଲା ଭୀମୁ



**କରୋନା ମହାମାରୀ ପାଇଁ ପିଲାମାନଙ୍କର ବିଦ୍ୟାଳୟଠାରୁ ଖେଳପଡିଆ ପର୍ଯ୍ୟନ୍ତ ସବୁ କିଛି ଏବେ ଘର ଭିତରେ। ତେଣୁ ନା ଅଛି ସକାଳୁ ସକାଳୁ ବିଛଣା ଛାଡିବାର ଟେନ୍‌ଶନ୍ ନା ନିର୍ଦ୍ଦିଷ୍ଟ ସମୟରେ ସ୍କୁଲ୍ ପହଞ୍ଚିବାର କଟକଣା। ଏମିତିରେ କେମିତି କଟୁଛି ପିଲାମାନଙ୍କ ଶୀତ ସକାଳ, ସେ ସମ୍ପର୍କରେ କେତେକ ପିଲା ଯାହା କହନ୍ତି....**





# ଶୀତ ସକାଳରେ...

ଏମିତିରେ ଶୀତ ସକାଳେ ବ୍ଲାଙ୍କେଟ୍‌ରୁ ବାହାରି ସ୍କୁଲ ପାଇଁ ପ୍ରସ୍ତୁତ ହେବା ପିଲାଙ୍କ ପାଇଁ ବଡ କଷ୍ଟ କାମ। ଆଉ ଏବେ କରୋନା ଲାଗି ସ୍କୁଲ୍ ବନ୍ଦ ଥିବାରୁ ଘରେ ବସି ରହି ପିଲାମାନେ ଅନ୍‌ଲାଇନ କ୍ଲାସ କରିବା ଦ୍ୱାରା ସେମାନଙ୍କ ଲାଇଫ୍ ଷ୍ଟାଇଲରେ ଘଟିଛି ଅନେକ ପରିବର୍ତ୍ତନ। ଯାହାର ପ୍ରଭାବ ସେମାନଙ୍କ ଶାରୀରିକ ତଥା ମାନସିକ ସ୍ତରରେ ପଡୁଥିବାର ଦେଖିବାକୁ ମିଳୁଛି। ତେବେ ଏମିତିରେ ଫିଟ୍ ରହିବା ପାଇଁ କେଉଁ ସବୁ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ ସେ ସମ୍ପର୍କରେ ଜାଣନ୍ତୁ।

■ ସ୍କୁଲ୍ ଛୁଟି ଥିବାରୁ ଶୀତରେ ଅଳସୁଆ ହୋଇ ଅଧିକ ସମୟ ନ ଶୋଇ ଶୀଘ୍ର ଉଠନ୍ତୁ। ଏହା ଶାରୀରକ ଫୁର୍ତ୍ତି ଯୋଗାଇବା ସହ ସ୍ୱାସ୍ଥ୍ୟ ଭଲ ରଖିବ। ଏହି ସମୟରେ ପାଠ ପଢିବା ଦ୍ୱାରା ମଧ୍ୟ ସହଜରେ ମନେ ରଖିବାରେ ସାହାଯ୍ୟ କରିବ।

■ ଶୀତରେ ଅନେକ ପିଲା ଗାଧୋଇ ନ ଥାନ୍ତି। ହେଲେ ଏହାଦ୍ୱାରା ଫ୍ଲୁ, ଆଲର୍ଜି ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ବିଶେଷ କରି କରୋନା ସମୟ ଚାଲିଥିବାରୁ ପରିଷ୍କାର ପରିଚ୍ଛନ୍ନ ରହିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

■ ଯେହେତୁ ବର୍ତ୍ତମାନ ସ୍କୁଲ୍ ଏବଂ ଖେଳକୁଦ ଲାଗି ବାହାରକୁ ଯିବା ମନା, ତେଣୁ ପ୍ରତିଦିନ ସକାଳୁ ଉଠି ଅଧଘଣ୍ଟା ଲେଖାଏଁ ଶରୀରିକ ବ୍ୟାୟାମ, ଯୋଗ, ପ୍ରାଣାୟମ କରିବା ଆବଶ୍ୟକ। ଏହା ଦ୍ୱାରା ମନ ଓ ଶରୀର ଫୁର୍ତ୍ତି ରହିଥାଏ। ମନେ ରଖନ୍ତୁ, ଅଧିକ ସମୟ ମୋବାଇଲ୍‌ରେ ଗେମ୍ ଆଦୌ ଖେଳନ୍ତୁ ନାହିଁ।

■ ସ୍କୁଲ ବନ୍ଦ ଥିବାରୁ ଏବେ ଅନଲାଇନ୍ କ୍ଲାସ ହେଉଛି। ଅଧିକାଶଂ ପିଲା ଅନଲାଇନ୍ କ୍ଲାସ କରିବା ସମୟରେ ଭିଡିଓ ଅଫ୍ ରଖି ଶୋଇପଡନ୍ତି କିମ୍ବା ଖେଳକୁଦରେ ମାତି ଯାଆନ୍ତି। ସେମିତି ନ କରି ପାଠ ପଢାରେ ଧ୍ୟାନ ଦିଅନ୍ତୁ। କୌଣସି ବିଷୟ ବୁଝି ନ ପାରିଲେ ଶିକ୍ଷକଙ୍କୁ ପଚାରନ୍ତୁ।

■ ଫାଷ୍ଟଫୁଡ୍ ଜାତୀୟ କିମ୍ବା ତେଲଛଣା ଖାଦ୍ୟ ବେଶୀ ନ ଖାଇ ଘରେ ପ୍ରସ୍ତୁତ ସୁଷମ ଖାଦ୍ୟ ଖାଆନ୍ତୁ। ଏହା ନିଜକୁ ଫିଟ୍ ରଖିବାରେ ସାହାଯ୍ୟ କରିବ। ଶୀତଦିନେ ଅନେକେ ପାଣି ପିଇବାରେ ଅବହେଳା କରନ୍ତି, ହେଲେ ଏପରି ନ କରି ଆବଶ୍ୟକ ମାତ୍ରାରେ ପାଣି ପିଇବା ଆବଶ୍ୟକ। ନଚେତ୍ ଶରୀରରୁ ଜଳୀୟାଂଶ କମିବା ସହ ଝାଡା, ବାନ୍ତି, ଫ୍ଲୁ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଏହାବାଦ୍ ପ୍ରତିଦିନ କିଛି କିଛି ବ୍ୟାୟାମ ଓ ଯୋଗ ମଧ୍ୟ କରନ୍ତୁ।



**କ**ରୋନା ଯୋଗୁଁ ସ୍କୁଲ ବନ୍ଦ ଥିବାରୁ ଘରେ ରହି ଅନଲାଇନ୍ କ୍ଲାସ କରୁଛି। ଶୀତଦିନ ହୋଇଥିଲେ ବି ଭୋର ୫ଟାରୁ ଉଠି ଯୋଗ, ପ୍ରାଣାୟମ କରୁଛି। ଏଥିସହି କିଛିସମୟ ପାଇଁ ବାହାରକୁ ଦୌଡିବାକୁ ଯାଉଛି। ପରେ ଅନଲାଇନ୍‌ରେ କ୍ଲାସ କରୁଛି। କରୋନା ଯୋଗୁଁ ମୁଁ ନିଜ ସ୍ୱାସ୍ଥ୍ୟର ଧ୍ୟାନ ରଖିବା ସହ ପୁଷ୍ଟିକର ଖାଦ୍ୟ ମଧ୍ୟ ଖାଉଛି।

**–ଅନୀଲ କୁମାର ପୃଷ୍ଟି**
କ୍ଲାସ– ୯, ଶାରଙ୍ଗଧରପୁର ହାଇସ୍କୁଲ, ରଣପୁର, ନୟାଗଡ



**ଏ**ବେ ସ୍କୁଲ୍ ବନ୍ଦ ଅଛି। ତେଣୁ ପ୍ରତିଦିନ ସକାଳୁ ଉଠି ନିତ୍ୟକର୍ମ ସାରି ପାଖରେ ଥିବା ମନ୍ଦିରକୁ ଯାଉଛି। ପ୍ରତିଦିନ ପ୍ରାୟ ଅଧ ଘଣ୍ଟାଏ ବୁଲାବୁଲି ସହ ବ୍ୟାୟାମ କରୁଛି। ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ସହ ସୂର୍ଯ୍ୟଙ୍କ କଅଁଳ କିରଣ ମୋ ମନ ଓ ମସ୍ତିଷ୍କକୁ ଶାନ୍ତ ରଖୁଛି, ଯାହାଦ୍ୱାରା ମୋତେ ଦିନଯାକର କାର୍ଯ୍ୟ କରିବା ପାଇଁ ଶକ୍ତି ମିଳୁଛି। ସେଠାରୁ ଘରକୁ ଫେରି ନିତ୍ୟକର୍ମ ସାରି ଛାତ ଉପରେ ଖରାରେ ବସି ପାଠପଢୁଛି।

**–ଦିବ୍ୟାରାଣୀ ସାହୁ,** କ୍ଲାସ୍–୭, ଜି.ଏସ୍ ଡୁଙ୍ଗୁରିପଲ୍ଲୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର



**ପା**ଠପଢା ସହ ମୁଁ ଘରେ ରହି ୟୁଟ୍ୟୁବ୍‌ରୁ ଭିଡିଓ ଦେଖି ଏରୋବିକ୍ସ ଏବଂ ଡ୍ୟାନ୍ସ ଅଭ୍ୟାସ କରେ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଅଧଘଣ୍ଟା ଲେଖାଏଁ ଏରୋବିକ୍ସ କରେ। ଏହାସହ ମୁଁ ସନ୍ତୁଳିତ ଖାଦ୍ୟ ଖାଇବା ପାଇଁ ଡାଏଟ୍ ଚାର୍ଟ ପ୍ରସ୍ତୁତ କରିଛି। ବ୍ୟାୟାମ କରିବା ଯୋଗୁଁ ଶରୀର ଫୁର୍ତ୍ତି ରହେ ଏବଂ ପାଠ ପଢିବାବେଳେ ସବୁ ମନେ ରହିଯାଏ।

**–ଅନ୍ୱେଶା ତ୍ରିପାଠୀ,**
କ୍ଲାସ–୧୦, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ





**ପ୍ର**ତିଦିନ ସକାଳେ ୫ଟାରେ ଉଠି ୨ କିଲୋମିଟର ଦୌଡେ। କରୋନା ସମୟରେ ଘରେ ବସି ଅନଲାଇନ କ୍ଲାସ କରିବାକୁ ପଡୁଥିବାରୁ ସକାଳେ ବାହାରେ ଟିକେ ଚଲାବୁଲା କରି ଆସିଲେ ମନ ଭଲ ଲାଗୁଛି। ପଢାରେ ଏକାଗ୍ରତା ବୃଦ୍ଧି ଲାଗି ପ୍ରତିଦିନ ସନ୍ଧ୍ୟାରେ ମଧ୍ୟ କିଛି ସମୟ ଯୋଗ କରୁଛି।

**–ପିଣ୍ଟୁ ହଲୱା,** କ୍ଲାସ–୧୦, ସାଙ୍ଗନା ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁର,କୋରାପୁଟ



**ଶୀ**ତ ଦିନ ମୋର ପ୍ରିୟ। ସ୍କୁଲ୍ ଛୁଟି ଥିବାରୁ ଏହାର ଖୁବ୍ ମଜା ନେଉଛି। ସକାଳୁ ଉଠିବାରେ ବି ଟିକେ ବିଳମ୍ବ କରୁଛି। ଏବେ କରୋନା ସମୟ ଚାଲି ଥିବାରୁ ଉଠିବା ପରେ ପ୍ରଥମେ କାଢ଼ା ପିଉଛି। ଛାତରେ ଲଗାଇଥିବା ଗଛରେ ପ୍ରତିଦିନ ପାଣି ଦେଉଛି, ଯାହା ମୋର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ସ୍କୁଲ୍ ନ ଥିବାରୁ ଆମେ ୫–୭ ଜଣ ସାଙ୍ଗ ଏକାଠି ହୋଇ ବସି ପାଠପଢୁଛୁ।

**–ସ୍ମୃତିମୟୀ ରାଉତ,** କ୍ଲାସ୍–୮, ମହତାବ ୟୁ.ପି ସ୍କୁଲ୍, ବଳଦିଆବନ୍ଧ, ଢେଙ୍କାନାଳ

୧
**ଜ୍ୟୋତି ରଞ୍ଜନ ବିଦ୍**
କ୍ଲାସ- ୧୦, ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର





**ଅନୁଭା ପଣ୍ଡା**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିଳାଦ୍ରୀ ବିହାର, ଭୁବନେଶ୍ୱର
୨

୩
**ସାଇସ୍ମିତା ଦାସ**
କ୍ଲାସ- ୩, ସେଣ୍ଟ ଯୋଶେଫ୍ ଜାଭିଅର ସ୍କୁଲ, ଶୁଆକାଟି, କେନ୍ଦୁଝର





**ଅଭିଜିତ୍ ପ୍ରିୟରଞ୍ଜନ**
କ୍ଲାସ- ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳ, ପୁରୀ
୪

୫
**ଆଦ୍ୟାଶା ପରିଡ଼ା**
କ୍ଲାସ-୪, ନିଉ ହରିଜନ୍ ସ୍କଲାସ ସ୍କୁଲ ଆଣ୍ଡ ନିଉ କିଡ୍ସ, ଥାନେ, ମହାରାଷ୍ଟ୍ର





**ତସନିମ୍ ସୁଲତାନା**
କ୍ଲାସ-୮, କେଜିଏନ୍ ହାଇସ୍କୁଲ, କାକଟପୁର, ପୁରୀ
୬

୭
**ଶ୍ରୀୟାଶ୍ରୀ ମିଶ୍ର**
କ୍ଲାସ-୩, ବାଙ୍ଗୁରୁବା ବିଦ୍ୟାଳୟ, ପୁରୀ





**ଦୀପଶୀଖା ଦାସ**
କ୍ଲାସ-୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର
୮

୯
**ୟଶଭି ସାମନ୍ତରାୟ**
କ୍ଲାସ-୧, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର





**ଅନନ୍ୟା ପାଢୀ**
କ୍ଲାସ-୬, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୧୦



୧



୨



୩



୪



୫



୬



୭



୮




୯



୧୦



## ଅନୁଚିନ୍ତା

**ନ**ବ ବର୍ଷରେ କ୍ଲେଶ ଦୂର ହେଉ
ବିଶ୍ୱ ହେଉ ମଧୁମୟ,
ସଭିଁଙ୍କ ଅନ୍ତରୁ ଦୂର କରିଦିଅ
ରୋଗ ଶୋକର ଭୟ।
ବନ୍ୟା, ବାତ୍ୟା ଆଉ ମରୁଡ଼ି ଦାଉରୁ
କୃଷକଟି ପାଉ ରକ୍ଷା,
‘କରୋନା’ ବେମାରି ଅନ୍ତର୍ଦ୍ଧାନ ହେଉ
ଶିଶୁଟିଏ ଲଭୁ ଶିକ୍ଷା।
ଜନନୀ, ଭଗିନୀ, ଜାୟା ସ୍ୱରୂପିଣୀ
ନାରୀଟି ପାଉ ସମ୍ମାନ,
ଅତ୍ୟାଚାର, ବ୍ୟଭିଚାର, ଅନ୍ୟାୟର
ହେଉ ଆଶୁ ସମାପନ।
ସୁଧୁରି ଯାଉ ପ୍ରକୃତି, ପରିବେଶ
ଯୁଦ୍ଧ ଭୟ ହେଉ ଦୂର,
ଶାନ୍ତି, ମୈତ୍ରୀ, ପ୍ରୀତି, ସହାବସ୍ଥାନର
ଭାବ ବିକଶିତ କର।
କଳା, ସଂସ୍କୃତି, ଭାଷା, ପରମ୍ପରା
ସବୁର ଉନ୍ନତି ହେଉ,
ସଦ୍ଭାବନା, ସତ୍‌ଚିନ୍ତା, ସତ୍‌କର୍ମରେ
ବରଷଟି ବିତିଯାଉ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ

କ
ବି
ତା

## ଓମିକ୍ରନ୍ ଡରେ

**ରା**ତି ପାହିଲେ ନାଲି ଘୋଡ଼ାରେ
ଆସନ୍ତି ସୂରୁଯ ମାଡ଼ି
ପିଲାଏ ଦେଖି ଖୁସି ହୁଅନ୍ତି
ବାଜିଲେ କାନ୍ଥ ଘଡ଼ି।
ଇସ୍କୁଲ ଯିବୁ ପାଠ ପଢ଼ିବୁ
ଚିନ୍ତା କରନ୍ତି ବସି
ମାଆଙ୍କ ପାଖେ ସତ କହିଲେ
ହୁଅନ୍ତି ସିଏ ଖୁସି।
ରୋଷେଇ ଘରେ କରନ୍ତି ମାଆ
କୋବି ଭଜାକୁ ରୁଟି
ଇସ୍କୁଲ ଯାଇ ପଢ଼ନ୍ତି ପାଠ
ନଥାଏ ଯଦି ଛୁଟି।
ଏବକୁ ସିନା କରୋନା ବେଳ
ରୁହନ୍ତି ସବୁ ଘରେ
ସଭିଙ୍କ ସାବଧାନତା ଦେଖି
ଓମିକ୍ରନ୍ ଡରେ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର, ଯାଜପୁର



## ଦିଅ ଦିବ୍ୟ ଜ୍ଞାନ

**ଜ**ୟ ଜଗନ୍ନାଥ କମଳାକାନ୍ତ
ତୁମ୍ଭ ଶ୍ରୀଚରଣେ ରହୁ ମୋ ମନ
ତୁମ୍ଭ କୃପା ବଳେ ଚଳଇ ମେରୁ
ଆତଯାତ ହୁଅନ୍ତି ଚନ୍ଦ୍ର ସୂର୍ଯ୍ୟ।
କଳା ମେଘ ଦେଖି ମୟୂର ନାଚେ
ବରଷା ଜଳକୁ ଚାତକ ଯେହ୍ନେ
ସେହି ପରି ତୁମ ଦର୍ଶନ ପାଇଁ
ସୁଦୟା ହୋଇବେ ମୋତେ ହେ ପ୍ରଭୁ।
ମାଗୁ ନାହିଁ କିଛି ଧନ ଦରବ
କରୁଣା କର ବାରେ ମୋତେ ପ୍ରଭୁ
ଦିବ୍ୟ ଜ୍ଞାନ ଭରି ଦିଅ ଅନ୍ତରେ
ତୁମ ଦେହେ ଲୀନ ହେବ ମୋ ମନ।
ଲିଭିବ ମୋ ଦୀପ ଦିନେ ନା ଦିନେ
ଭଜିବି ତୁମ୍ଭ ନାମ ନିରତ
ଏତିକି କରୁଣା ରଖିବେ ପ୍ରଭୁ
ଦାସ କ୍ଷମା ମାଗେ ତୁମ୍ଭ ପୟରେ।

**– ପ୍ରଫୁଲ୍ଲ କୁମାର ଦାସ**
ଦଧିମାଛ ଗାଡ଼ିଆ, ଖୋରଧା

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ବେଷ୍ଟ ମଲ୍ଟିଟାସ୍କର

ପିଲାମାନେ! ରୁବିକ୍ କ୍ୟୁବ୍ ଖେଳିବାକୁ ଭଲ ଲାଗେନା ? ଏହାକୁ ସମାଧାନ କରିବାକୁ ବହୁତ ମଜା ଲାଗେ। ହେଲେ ତୁମେମାନେ ଜାଣିଛ କି ବେଙ୍ଗାଲୁରୁର ୮ବର୍ଷୀୟ ବାଳକ ଏକା ସମୟରେ ୩ଟି ରୁବିକ୍ କ୍ୟୁବ୍‌କୁ ସମାଧାନ କରିଥିଲେ। ଅର୍ଥବ ଆର ଭଟ ୩ଟି ରୁବିକ୍ କ୍ୟୁବ୍‌କୁ ସମାଧାନ ପାଇଁ ହାତ ଓ ପାଦ ବ୍ୟବହାର କରିଛନ୍ତି। ଏହାକୁ ସେ ୧ ମିନିଟ୍ ୨୯.୯୭ ସେକେଣ୍ଡରେ ସମାଧାନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ୩ଟି ରୁବିକ୍ କ୍ୟୁବ୍‌କୁ ସେ ଦୁଇ ହାତ ଏବଂ ପାଦ ସାହାଯ୍ୟରେ ଅତି ସହଜରେ ସମାଧାନ କରିଥିଲେ। ପୂର୍ବରୁ ରେକର୍ଡ କରିଥିବା ଚାଇନାର କ୍ୟୁ ଜିୟାନୁଙ୍କ ରେକର୍ଡକୁ ମଧ୍ୟ ସେ ଭାଙ୍ଗିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସେ ୱାର୍ଲ୍ଡ ବେଷ୍ଟ ମଲ୍ଟିଟାସ୍କର ଭାବେ ଖ୍ୟାତି ଅର୍ଜନ କରିଛନ୍ତି।




## ଏଥରର



- ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁ କେବେ ହୋଇଥିଲା ?
- ଗାନ୍ଧୀଙ୍କର ପ୍ରଥମ ସତ୍ୟାଗ୍ରହର ନାମ ?
- ଗାନ୍ଧୀଙ୍କର ରାଜନୈତିକ ଗୁରୁ କିଏ ଥିଲେ ?
- ଗାନ୍ଧୀଙ୍କୁ ସମର୍ପିତ କରାଯାଇଥିବା ସ୍ମାରକର ନାମ ?
- ମହାତ୍ମା ଗାନ୍ଧୀଙ୍କର ଆତ୍ମଜୀବନୀର ନାମ ?

## ଗତଥରର

- ବି.ଆର୍ ଆମ୍ବେଡକର
- ପିଙ୍ଗାଲି ଭେଙ୍କୟା
- ରାଷ୍ଟ୍ରପତି ଭବନ
- ୨ବର୍ଷ ୧୧ମାସ ୧୮ଦିନ
- ୨୧ଟି



## କହିଲ ଦେଖି

**ଗ**ଛଟି ସତେ ଏମିତି ଥାଏ
ଦିଶଇ ଫୁଲ ପରି
ଫଳ ଫଳିଲେ ଫଳ ଉପରେ
ଥାଏ ପତର ଘେରି
ଭାରି ସୁଆଦ ଫଳଟି ସିଏ
ଦେହସାରା ତା’ ଆଖି
କିଏ ଜାଣିଛି ନାମଟି ତା’ର
କହିଲ ଥରେ ଦେଖି।



ଉ– **ସପୁରି**



**କ**ଳା ମୁଟୁମୁଟୁ ରଙ୍ଗଟି ତା’ର
ସ୍ୱର ତା’ର ଅଟେ ଭାରି ମଧୁର
ବସନ୍ତ ଋତୁକୁ ସେ ଭଲପାଏ
ଆମ୍ବଡାଳେ ବସି ସେ ଗୀତ ଗାଏ
ଦେଖିଅଛ ତାକୁ ସମସ୍ତେ ପ୍ରାୟେ
ନାମଟି ତାହାର କହିବ କିଏ।

ଉ– **କୋଇଲି**

**କି**ସୁନ୍ଦର ଆହା ଗାତଟେ ଖୋଳି
ମାଟିନନ୍ଦ ଅବା ସିମେଣ୍ଟ ବୋଳି
ଘର ଆଗେ ଅବା ବାଡ଼ିରେ ଥାଏ
ବିନା କଳରେ ସେ ପାଣି ଯୋଗାଏ
କିଏ ସେ ଦେଖିଛି ସେହି ଗର୍ତ୍ତଟି
ପାରିବ କି କହି ତା’ର ନାମଟି।

ଉ– **କୂଅ**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୁଳ ହାଟ୍, ପ୍ରୀତିପୁର, ଯାଜପୁର, ମୋ: ୮୮୯୨୩୦୧୧୪୩

# ଜଣା ଅଜଣା





**ଇନ୍ଦ୍ରଧନୁର ଦେଶ ହାୱାଇ**

୨୦୨୧ରେ ଆମେରିକାନ୍ ମେଟ୍ରୋଲୋଜିକାଲ ସୋସାଇଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ, ହାୱାଇ ବିଶ୍ୱର ସବୁଠୁ ବେଷ୍ଟ ପ୍ଲେସ୍ ଯେଉଁଠି ରେନ୍‌ବୋ ବା ଇନ୍ଦ୍ରଧନୁ ସବୁଠୁ ବଡ଼ ଏବଂ ପରିଷ୍କାର ଦେଖାଯାଏ।



**କଣ୍ଟା ଥିବା ପ୍ରାଣୀ:ଝିଙ୍କ**

ଝିଙ୍କ ଶରୀରରେ ପ୍ରାୟ ୩୦ ହଜାରରୁ ଅଧିକ କଣ୍ଟା ଥାଏ। ଏମାନେ ପ୍ରାୟ ସବୁବେଳେ ଲୁଚି ରହିଥାନ୍ତି। କେବଳ ଖାଦ୍ୟ ଅନ୍ୱେଷଣ ପାଇଁ ବାହାରକୁ ଆସିଥାନ୍ତି।

**ସିଟି ଅଫ୍ ଜୟ**

'ସିଟି ଅଫ୍ ଜୟ' ଭାବେ କୋଲକାତା ବେଶ୍ ପରିଚିତ। ଏହାକୁ 'କଲଚର୍ କ୍ୟାପିଟାଲ୍ ଅଫ୍ ଇଣ୍ଡିଆ' ମଧ୍ୟ କୁହାଯାଏ। ହାୱଡ଼ା ବ୍ରିଜ୍, ରାଣୀ ଭିକ୍ଟୋରିଆ ମେମୋରିଆଲ୍, ଇଣ୍ଡିଆନ୍ ମ୍ୟୁଜିୟମ୍ ଭଳି ଅନେକ ପ୍ରସିଦ୍ଧ ସ୍ଥାନ ଏଠାରେ ରହିଛି, ଯାହାକୁ ଦେଖିବା ଲାଗି ପ୍ରତିଦିନ ଲୋକଙ୍କ ଭିଡ଼ ଜମେ। ପରିସୀମା ଅନୁସାରେ ଏହା ଭାରତର ଦ୍ୱିତୀୟ ବୃହତ୍ତମ ସହର।



**ଜଳହସ୍ତୀ ରହସ୍ୟ**

ଜଳହସ୍ତୀମାନେ ପାଣିରେ ରହୁଥିଲେ ବି ଏମାନେ ପାଣି ଭିତରେ ପହଁରି ପାରନ୍ତି ନାହିଁ। ଏମାନଙ୍କର ମୁଣ୍ଡ ଉପରେ କେବଳ ଆଖି, କାନ ଓ ନାକ ଥାଏ ବାହାରକୁ ଦେଖିବା ପାଇଁ ଏବଂ ଅନ୍ୟ ଅଂଶଗୁଡ଼ିକ ପାଣି ଭିତରେ ବୁଡ଼ି ରହିଥାଏ। କୌତୁହଳର ବିଷୟ, ଏମାନେ ପିଙ୍କ୍ କଲରର କ୍ଷୀର ଦେଇଥା'ନ୍ତି।



**ବିଶ୍ୱର ସବୁଠୁ ଲମ୍ବା ରାସ୍ତା**

ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁସାରେ, ବିଶ୍ୱର ସବୁଠାରୁ ଲମ୍ବା ରାସ୍ତା ''ପାନ୍ ଆମେରିକାନ୍ ହାଇୱେ''। ଏହା ନର୍ଥ ଆଲାସ୍କାର ପ୍ରୁଧୋଇ ବେ'ଠାରୁ ଆର୍ଜେଣ୍ଟିନାର ଉସୁଆଇଆ ପର୍ଯ୍ୟନ୍ତ ଲମ୍ବିଛି, ଯାହାର ଲମ୍ବ ୨୯ ହଜାର ୮୦୦ ମାଇଲ୍।



# ଆ ଇ ନା



ପ୍ରଣବେଶ୍ୱର ନାୟକ
ପାଣିକୋଇଲି, ଯାଜପୁର
ବୟସ: ୮ ବର୍ଷ



ସୁନୟନା ମିଶ୍ର
ଗୋପ, ପୁରୀ
ବୟସ: ୭ ବର୍ଷ



ଶୁଭ୍ରାଂଶି ପାତ୍ର
ଖଣ୍ଡଗିରି, ଭୁବନେଶ୍ୱର
ବୟସ: ୫ ବର୍ଷ